# Akashvani, Sambalpur

## SAMBALPURI NEWS MORNING BULLETIN

## 6 April 2026 - 6.47- 6.52 am.

---

ରାଜସ୍ୱ ମନ୍ତ୍ରୀ          ଆଇ ଆଣ୍ଡ ପି.ଆର୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ  ଗଲାକାଏଲ୍ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ଭିନ୍ ଭିନ୍ ବିଭାଗୀୟ କାମ୍ କାଜ୍ ସହେତେ ଆମ ସାଥୀ ଚାଟ୍‌ବଟ୍‌ର ଉପଯୋଗୀତା ବାବ୍‌ଦେ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ ୱାଟ୍‌ସ୍‌ଅପ୍ ଜରିଏ ଇହାଦେ ମିଲୁଥିବା ଆମ ସାଥୀ ଚାଟ୍‌ବଟ୍‌କେ ରାଜସ୍ୱ ସେବା ଦେବାର୍ ଲାଗି ଅଏତ୍‌କା ସହଜ୍ ଆଉ ଲୋକାଭିମୁଖୀ କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ୍ ଦେଇଛନ୍ । ସାଧାରଣ୍ ଲୁକେ କେନ୍ତାକରି ସହଜ୍‌ଥି ପ୍ରଶାସନ୍‌କେ ନିଜର୍ ସମସ୍ୟା ଜନେଇପାର୍‌ବେ ଆଉ ତୁର୍‌ତି ସାହାଜ୍ ପାଇପାର୍‌ବେ ତାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ଆମ ସାଥୀ ଚାଟ୍‌ବଟ୍‌ର ଦକ୍ଷତା ବିକାଶ୍ କରାଯାଇଛେ । ଇତାର୍ ଜରିଏ

ୱାଟ୍ସ୍ଆପ୍‌ଥି ଜନସାଧାରଣ୍ ନିଜର୍ ସମସ୍ୟା କି ଅଭିଯୋଗ୍ ସହଜ୍‌ଥି ଜନାବାର୍ ସହେତେ ତହସିଲ୍‌ଦାର୍ ଆଉ ଅଲ୍‌ଗା ଅଧିକାରୀ ସେତାକେ ଗ୍ରହଣ୍ କରିକରି ସେ ବାବ୍‌ଦେ ତୁର୍‌ତି ପଦକ୍ଷେପ୍ ନେଇପାର୍‌ବେ । ଇ ବାବଦ୍ ସବୁ ପ୍ରକ୍ରିୟା ରାଜସ୍ୱ ମନ୍ତ୍ରୀ ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବଙ୍କର୍ ବ୍ୟକ୍ତିଗତ ଅବଗତି ଲାଗି ଭିଲ୍ ମିଲିପାର୍‌ବା ।

ଓଡ଼ିଆ ପକ୍ଷ -ସ୍ୱଚ୍ଛତା ଅଭିଯାନ I&PR

ଓଡ଼ିଆ ପକ୍ଷ -୨୦୨୬ ପାଲନ୍‌ର ୬ ନମ୍ବର୍ ଦିନେ ଆଏଜ୍ ସ୍ୱଚ୍ଛତା ଅଭିଯାନ୍ ଆୟୋଜନ୍ କରାଯାଉଛେ । ସାରା ରାଏଜେ ଭିନ୍ ଭିନ୍ ମନ୍ଦିର୍ ଆର୍ ଐତିହ୍ୟ ସ୍ଥଲୀମାନ୍‌କର୍ ସଫାସୁତ୍‌ରା କରାଯାଇକରି ତାର୍ ସ୍ୱଚ୍ଛତାକେ ନେଇକରି ଲୁକ୍‌କୁ ସଚେତନ୍ କରାଯିବା । ସେଆଡ଼େ ଓଡ଼ିଆ ପକ୍ଷ ପାଲନ୍ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇକରି ନିଜର୍ ସେଲ୍‌ଫି ଓଡ଼ିଆ ପକ୍ଷ ଡଟ୍ କମ୍ ୱେବ୍‌ସାଇଟ୍‌ଥି ଅପ୍‌ଲୋଡ଼୍ କର୍‌ବାର୍ କେ ସର୍‌କାର୍‌ଙ୍କର୍ ତର୍‌ଫୁ ଆହ୍ୱାନ୍ କରାଯାଇଛେ ।

ଓଡ଼ିଆ ପକ୍ଷର ୫ ନମ୍ବର୍ ଦିନେ ଗଲାକାଏଲ୍ ସାରା ରାଏଜେ ଐତିହ୍ୟ ଗଣଦୌଡ଼ ହେଇଥିଲା ।

ପୁଲିସ୍ ଦୀକ୍ଷାନ୍ତ ସମାରୋହ ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ବିଜୁ ପଟ୍ଟନାୟକ୍ ରାଜ୍ୟ ପୁଲିସ୍ ଏକାଡେମୀ ନ ୯ ନମ୍ବର୍ ବେଚ୍ ଆରକ୍ଷୀ ଉପ ଅଧିକ୍ଷକ ପ୍ରଶିକ୍ଷାର୍ଥୀମାନ୍‌କର୍ ଦୀକ୍ଷାନ୍ତ ସମାରୋହ ଆଏଜ୍ ହେବା । କାର୍ଯ୍ୟକ୍ରମ୍‌ଥି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ପ୍ରାକୃତିକ ଗେସ୍ ମନ୍ତ୍ରଣାଳୟ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ ଦରକାରୀ ପରିମାଣର ପେଟ୍ରୋଲ୍, ଡିଜେଲ୍ ଆଉ ଏଲ୍‌ପିଜି ମହଜୁଦ୍ ରଖିବାର୍‌କେ ସରକାର ସବୁପ୍ରକାର୍ ଚେରେଷ୍ଟା କରୁଛନ୍ ବଲି ପେଟ୍ରୋଲିୟମ ଆଉ ପ୍ରାକୃତିକ ଗେସ୍ ମନ୍ତ୍ରଣାଳୟ ତରଫୁ କୁହାଯାଇଛେ । ଇତାର୍ ସହେତେ ଡିଷ୍ଟ୍ରିବ୍ୟୁଟ୍‌ର ପାଖିକେ ନାଇଁ ଯାଇ

କରି ଡିଜିଟାଲ୍ ମୋଡ୍‌ଥି ଏଲ୍‌ପିଜି ସିଲିଣ୍ଡର ବୁକ୍ କର୍‌ବାରକେ ସରକାର ନାଗରିକମାନ୍‌କୁ ପରାମର୍ଶ ଦେଇଛନ୍ । ଡିଏସି କି ଡିଜିଟାଲ୍ ମୋଡ୍‌ଥି ଗଲା ଫେବୃୟାରୀ ମାସେ ୫୩ ପ୍ରତିଶତ୍ ଲୋକ୍ ବୁକ୍ କରିଥିବାର୍ ବେଲେ ଇଟା ଗଲାକାଏଲ୍ ୯୦ ପ୍ରତିଶତ୍‌କେ ପୁହୁଁଚିଛେ ବଲି ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ ।

ଭିସୁଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ- ଭିସୁଟ୍‌ର ପୁର୍ନବିକାଶ୍ ଲାଗି ପହେଲା ଖେପେ ୯ ଶହ ୨୯ କୋଟି ୯୬ ଲାଖ୍ ଟଙ୍କାର୍ ବ୍ୟୟ ଅଟ୍‌କଲ୍‌କେ ଅନୁମୋଦନ୍ ମିଲିଛେ । ରାଜ୍ୟର୍ ସବୁନୁ ପୁର୍‌ନା ସର୍‌କାରୀ ବୈଷୟିକ ଶିକ୍ଷାନୁଷ୍ଠାନ୍ ଭାବେ ନାଁ କରିଥିବା ଇ ବିଶ୍ୱବିଦ୍ୟାଳୟକେ ବିଶ୍ୱସ୍ତରୀୟ କର୍‌ବାର୍ ଇ ଯୋଜ୍‌ନାର୍ ମୁଲ୍ ଉଦ୍ଦେଶ୍ୟ ଆଏ । ମାଷ୍ଟର୍ ପ୍ଲାନ୍ ଅନ୍‌ସାରେ ଆଏବା ବଛର୍ ମାନ୍‌କେ ପାଖାପାଖ୍ ୧୦ ହଜାର୍ ଛାତ୍ରଛାତ୍ରୀଙ୍କୁ ନଜର୍‌ଥି ରଖିକରି ବିଶ୍ୱବିଦ୍ୟାଳୟର୍ ରୂପାନ୍ତରଣ୍ କାମ୍ କରାଯିବା । ଇଥି ଅତ୍ୟାଧୁନିକ୍ ଏକାଡେମିକ୍ ବ୍ଲକ୍, ବିଶ୍ୱସ୍ତରୀୟ ଗବେଷଣାଗାର, ସ୍ମାର୍ଟ କ୍ଲାସ୍‌ରୁମ୍,

ଅତ୍ୟାଧୁନିକ୍ ହଷ୍ଟେଲ୍ ଆଉ ଅଲ୍‌ଗା ଆନୁସାଙ୍ଗିକ୍ ସୁବିଧା ସୁଯୋଗ୍‌ର ବିକାଶ୍ କରାଯିବା । ଭିସୁଟ୍‌କେ ଗୁଟେ ମଲ୍ଟି ଡିସିପ୍ଲିନାରୀ ରିସର୍ଚ୍ଚ ୟୁନିଭର୍‌ସିଟି ବନାବାର୍‌କେ ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ ।

ଖସାପଡ଼ା ନୀତି ପୁରୀ ସମ୍ବାଦଦାତା

ବୈଶାଖ୍ ମାସର୍ ଅନ୍ଧାର୍ ପଖର୍ ଚତୁର୍ଥୀ ତିଥି ନ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀବିଗ୍ରହମାନ୍‌କର୍ ପଇତାଲାଗି ନୀତି ହେବା । ଦୁଇନମ୍ବର୍ ଭୋଗମଣ୍ଡପ୍ ନୀତି ଶେଷ୍ ହେବାର୍ ଉତ୍‌ରୁ ଇ ଗୁପ୍ତ ନୀତି ହେବା । ଇ ଗୁପ୍ତନୀତିକେ ବେଲ୍‌ବୁଡ଼ର୍ ୬ ବଜେନୁ ରାତିର ୧୦ ବଜେ ତକ୍ କରାଯିବା । ଇ ସମିଆଥି ଶ୍ରୀଜୀଉମାନ୍‌କର୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତରଫୁ କୁହାଯାଇଛେ ।

ମାରାଗୁଡ଼ା ମହୋତ୍ସବ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାସ୍ତରୀୟ ମାରାଗୁଡ଼ା ମହୋତ୍ସବ୍ -୨୦୨୬ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସଞ୍ଜେ ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ୍‌ଦେଇକରି ପ୍ରାଚୀନ୍ ମାରାଗୁଡ଼ା ସଭ୍ୟତାର୍ ମହନୀୟ ସଂସ୍କୃତି ଆଉ ଅନନ୍ୟ ପରମ୍ପରା ରହିଛେ ବଲି କହିଥିଲେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ପ୍ରଶାସନିକ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଉଦ୍‌ଯାପନୀ ସଞ୍ଜେ ଭିନ୍ ଭିନ୍ ସାଂସ୍କୃତିକ୍ ଦଲ୍ ତରଫୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ୍ ପରିବେଷଣ୍ କରାଯାଇଥିଲା ।

ରଗ୍‌ବୀ ଚମ୍ପିଆନ୍‌ସିପ          ଆଇ.ଆଣ୍ଡ.ପି.ଆର୍

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍‌ଠାନୁ ୬୯ ତମ ଜାତୀୟ ବିଦ୍ୟାଳୟ ସ୍ତରୀୟ ରଗ୍‌ବୀ ଚମ୍ପିଆନ୍‌ସିପ୍ ମୁଲ୍ ହେଉଛେ । ଜାତୀୟ ବିଦ୍ୟାଳୟ ସମୂହ ଅଧୀନ୍‌ଥି ଥିବା ୧୭ ବଛର୍ ଆଉ ୧୪ ବଛର୍‌ନୁ କମ୍ ବୟସର୍ ବାଳକ, ବାଳିକା, ଖେଲାଲିମାନ୍‌କୁ ନେଇକରି ଇ ଚମ୍ପିଆନ୍‌ସିପ୍‌ର ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି

ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଚମ୍ପିଆନ୍‌ସିପ୍‌କେ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଆଏବା ୨ ଦିନ୍‌ତକ୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ କମ୍‌ବାର୍ ସମ୍ଭାବନା ରହିଛେ । କାଲ୍‌ବୈଶାଖୀର୍ ବଲେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସବୁ ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନାକେ ନେଇକରି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ଗଲାକାଏଲ୍ ପାରଲାଖେମୁଣ୍ଡି ନ ଦିନର୍ ସବୁନୁ ଜହ ତାପମାତ୍ରା ୩୯ ଦଶ୍‌ମିକ୍ ୪ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଛେ ।